# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**1 January - 2025**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍‌ର କୃଷକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

– ଡିଏପି ସାର ୫୦ କିଲୋଗ୍ରାମ ବ୍ୟାଗ୍ ପିଛା ୧ ହଜାର ୩୫୦ ଟଙ୍କାରେ ପାଇବେ

– ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଆସନ୍ତା ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରହିବ ଜାରି

- ଚଳିତ ବର୍ଷ ଫେବୃଆରୀ ମାସରୁ ରାଜ୍ୟରେ ଆୟୁଷ୍ମାନ ଭାରତ ଲାଗୁ କରାଯିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା

- ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ହରିବାବୁ କମ୍ଭମପତି ଆସନ୍ତା ଶୁକ୍ରବାର ଦିନ ନେବେ ଶପଥ

ଏବଂ

- ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଆଉ କିଛି ସମୟ ପରେ ବେଙ୍ଗଲ ଟାଇଗର୍ସ ଓ ଟିମ୍ ଗୋନାସିକା ମଧ୍ୟରେ ହେବ ମୁକାବିଲା

# କ୍ୟାବିନେଟ୍ ବୈଠକ-୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୨୦୨୧-୨୨ରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ମୋଟ ୬୯ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାସହିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ପୁନର୍ଗଠିତ ପାଣିପାଗ ଭିତ୍ତିକ ଫସଲ ବୀମା ଯୋଜନାକୁ ୨୦୨୫-୨୬ ଆଥିକ ବର୍ଷ ପର୍ଯ୍ୟନ୍ତ ଜାରି ରଖିବା ପାଇଁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ୨୦୨୫-୨୬ ପର୍ଯ୍ୟନ୍ତ ଦେଶର କୃଷକମାନଙ୍କ ପାଇଁ ଅଣପ୍ରତିରୋଧଯୋଗ୍ୟ ପ୍ରାକୃତିକ ବିପର୍ଯ୍ୟୟରୁ ଫସଲର ବିପଦ ମୁକାବିଲାରେ ସହାୟକ ହେବ।

ଏହାବ୍ୟତୀତ ପାଣିପାଗ ସୂଚନା ଓ ନେଟୱାର୍କ ଡାଟା ସିଷ୍ଟମ (ୱିଣ୍ଡସ୍) ବ୍ଲକସ୍ତରରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଏବଂ ପଞ୍ଚାୟତ ସ୍ତରରେ ସ୍ୱୟଂଚାଳିତ ବର୍ଷା ମାପକ (ଏଆରଜି) ସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଛି।

କ୍ୟାବିନେଟ୍ ନିଷ୍ପତ୍ତିକୁ ସ୍ୱାଗତଯୋଗ୍ୟ ବୋଲି କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆମେ ଆମର ଅନ୍ନଦାତା, କୃଷକ ଭଉଣୀ ଏବଂ ଭାଇମାନଙ୍କ ପାଇଁ ଗର୍ବିତ। ଯେଉଁମାନେ ଦେଶକୁ ଖାଦ୍ୟଶସ୍ୟ

ଯୋଗାଇଦେବା ଦେବା ପାଇଁ କଠିନ ପରିଶ୍ରମ କରିଥାନ୍ତି। ୨୦୨୫ର ପ୍ରଥମ କ୍ୟାବିନେଟ୍ ଆମ କୃଷକମାନଙ୍କ ବିକାଶ ପାଇଁ ସମର୍ପିତ ବୋଲି ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି।

*PIB*

## କ୍ୟାବିନେଟ୍ ବୈଠକ-୨

କେନ୍ଦ୍ର କ୍ୟାବିନେଟ ବୈଠକରେ କୃଷକମାନଙ୍କୁ ସୁଲଭ ମୂଲ୍ୟରେ ଡାଇ-ଆମୋନିୟମ ଫସଫେଟ– ଡିଏପି ସାର'ର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଏନ୍.ବି.ଏସ୍ ସବ୍ସିଡି ୩ ହଜାର ୫୦୦ ଟଙ୍କା ହାରରେ ଡିଏପି ଉପରେ ଏକକାଳୀନ ସ୍ୱତନ୍ତ୍ର ପ୍ୟାକେଜ୍କୁ ଏନ୍.ବି.ଏସ୍ ସବ୍ସିଡିଠାରୁ ୩ ହଜାର ୫୦୦ ଟଙ୍କା ବୃଦ୍ଧି କରିବା ପାଇଁ ସାର ବିଭାଗର ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏହା ବାବଦରେ କେନ୍ଦ୍ର ସରକାର ୩ ହଜାର ୮୫୦ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ବହନ କରିବେ। ଏହାଦ୍ୱାରା ରିହାତି, ସୁଲଭ ଓ ଉପଯୁକ୍ତ ମୂଲ୍ୟରେ ଚାଷୀଙ୍କୁ ଡିଏପି ଉପଲବ୍ଧ ସୁନିଶ୍ଚିତ କରାଯାଇପାରିବ।

ନୂଆଦିଲ୍ଲୀରେ କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କୃଷକମାନେ ୫୦ କିଲୋଗ୍ରାମ ବ୍ୟାଗ୍ ପିଛା ୧ ହଜାର ୩୫୦ ଟଙ୍କାରେ ଡିଏପି ସାର ପାଇବା ଜାରି ରହିବ। ଅତିରିକ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ।

***BBSR/R***

# ଆୟୁଷ୍ମାନ ଭାରତ

ଚଳିତ ବର୍ଷ ଫେବୃଆରୀ ମାସରେ ରାଜ୍ୟରେ ଆୟୁଷ୍ମାନ ଭାରତ ଲାଗୁ କରାଯିବ। ଦେଶର ୩୦ ହଜାର ହସ୍ପିଟାଲରେ ଏହି କାର୍ଡ ମାଧ୍ୟମରେ ଚିକିତ୍ସା ସୁବିଧା ମିଳିପାରିବ। ପ୍ରତି ପରିବାରର ପୁରୁଷଙ୍କୁ ୫ଲକ୍ଷ ଓ ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯିବ। ଇ-କେଓ୍ୱାଇସି ଡାଟାବେସ୍‌କୁ ଆଧାର କରି ଆୟୁଷ୍ମାନ ଭାରତ– ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା କାର୍ଡ ଯୋଗାଇ ଦିଆଯିବ। ଯେଉଁମାନଙ୍କର କେ-ଓ୍ୱାଇସି ହୋଇନାହିଁ ସେମାନଙ୍କ କଥା ସରକାର ବିଚାରକୁ ନେବେ। ବର୍ତ୍ତମାନ ସୁଦ୍ଧା ୧ କୋଟି ପରିବାରର ତଥ୍ୟ ସରକାରଙ୍କ ପାଖରେ ମହଜୁଦ ରହିଛି। ଏ ସଂକ୍ରାନ୍ତରେ ଅଧିକ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି...

**- V/O –**

***HS***

# ଆଳୁ, ପିଆଜ ଆତ୍ମନିର୍ଭର

ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଗୁଡ଼ିକରେ ଓଡ଼ିଶା ଆତ୍ମନିର୍ଭର ହେବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। କୃଷି, ଯୋଗାଣ ଓ ସମବାୟ ବିଭାଗର ମିଳିତ ସହଯୋଗରେ ଏହା କରାଯିବା ସହ ଆଗକୁ ରାଜ୍ୟର ମଣ୍ଡିଗୁଡ଼ିକରେ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଏତଦ୍‌ବ୍ୟତୀତ ଜିଲ୍ଲାସ୍ତରରେ ଖାଉଟି କଲ୍ୟାଣ ବିଭାଗର ଖାଲିଥିବା ପଦବୀ ପୂରଣ ହେବା ସହ ରାଜ୍ୟସ୍ତରୀୟ ଖାଉଟି କଲ୍ୟାଣ କମିଟି ଗଠନ ହେବ। କମିଟିରେ ୬ ଜଣ ବିଧାୟକ, ୨ ଜଣ ସାଂସଦ ଓ ଅନ୍ୟ ସଦସ୍ୟମାନେ ରହିବେ। ଏଥିସହ ଅଧିକ ସଂଖ୍ୟକ କଞ୍ଜ୍ୟୁମର କୋର୍ଟ ସ୍ଥାପନ କରାଯାଇ ଖାଉଟିମାନଙ୍କର ସମସ୍ୟାର ତ୍ୱରିତ ସମାଧାନ କରାଯିବ। ରାଜ୍ୟ ସରକାର ଆଗକୁ ବାୟୋଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟ, ଆପ୍ଲାଏଡ୍ ମ୍ୟାଥ୍‌ମେଟିକ୍ସ ବିଶ୍ୱବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ କ୍ୟାମେଷ୍ଟ୍ରି ସ୍ଥାପନ କରିବା ସହ ଜିଲ୍ଲାଗୁଡ଼ିକରେ ପ୍ଲାନଟୋରିୟମ୍, ସାଇନ୍ସ ପାର୍କ ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

***BBSR/R***

## ନୂଆ ରାଜ୍ୟପାଳ ଶପଥ ଗ୍ରହଣ

ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ହରିବାବୁ କମ୍ଭମ୍‌ପତି ଆସନ୍ତା ଶୁକ୍ରବାର ଦିନ ଶପଥ ନେବେ। ରାଜଭବନଠାରେ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ମନ୍ତ୍ରିମଣ୍ଡଳର କେତେକ ସଦସ୍ୟ ଉପସ୍ଥିତ ରହିବେ। ଶ୍ରୀ କମ୍ଭମପତି ଆସନ୍ତାକାଲି ଭୁବନେଶ୍ୱରରେ ପହଁଞ୍ଚିବା ପରେ ପୁରୀ ଯାଇ ଶ୍ରୀଜୀଉମାନଙ୍କୁ ଦର୍ଶନ କରିବେ ବୋଲି ରାଜଭବନ ପକ୍ଷରୁ ସୂଚନା ମିଳିଛି।

*HS*

## ଜିନ୍ନତ ଫେରିଲା

ବାଘୁଣୀ ଜିନ୍ନତର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହେବା ପରେ ଓଡ଼ିଶାକୁ ଫେରାଇ ଅଣାଯାଇଛି। ବାଘୁଣୀ ସୁସ୍ଥ ରହିଥିବା ନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଛନ୍ତି। ଏକ ସ୍ୱତନ୍ତ୍ର ଖୁଆଡ଼ରେ ବାଘୁଣୀ ଜିନ୍ନତକୁ ରଖାଯାଇଛି। ତାର ଗତିବିଧି ଓ ସ୍ୱାସ୍ଥ୍ୟବସ୍ଥାକୁ ଲକ୍ଷ୍ୟ ରଖି କେଉଁ ଜଙ୍ଗଲରେ ଛଡ଼ାଯିବ ସେ ନିଷ୍ପତ୍ତି ବନବିଭାଗ ଗ୍ରହଣ କରିବ ବୋଲି ମନ୍ତ୍ରୀ କହିଛନ୍ତି।

*Desk*

## ଆୟକର ଦାଖଲ ସୀମା ବୃଦ୍ଧି

କେନ୍ଦ୍ର ସରକାର ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ବିଳମ୍ବିତ ଏବଂ ସଂଶୋଧିତ ଆୟକର ଦାଖଲ ସୀମାରେ ବୃଦ୍ଧି କରିଛନ୍ତି। ଏହି ସମୟସୀମା ଆସନ୍ତା ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ଆୟକର ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ ଦାଖଲର ଶେଷ ତାରିଖ ଡିସେମ୍ବର ୩୧ ତାରିଖ ରହିଥିଲା। ଏହାକୁ ଆଉ ୧୫ ଦିନ ବୃଦ୍ଧି କରାଯାଇଛି।

*Desk*

## ସଡ଼କ ସୁରକ୍ଷା

ଦୁର୍ଘଟଣା ମୁକ୍ତ ସଚେତନତା ବାର୍ତ୍ତା ନେଇ ଆଜିଠାରୁ ରାଜ୍ୟବ୍ୟାପୀ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ସଡ଼କରେ ଦୁର୍ଘଟଣାକୁ ରୋକିବା ସହିତ ଟ୍ରାଫିକ ନିୟମକୁ ପାଳନ କରିବା ନେଇ

ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ସରକାରୀ ସ୍ତର ଏବଂ ବିଭିନ୍ନ ସଂଗଠନ ପକ୍ଷରୁ  ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ସଡ଼କ ଦୁର୍ଘଟଣାରେ ଅଧିକରୁ ଅଧିକକୁ ଜୀବନକୁ କିପରି ରକ୍ଷା କରାଯାଇପାରିବ ସେହି ସମ୍ବନ୍ଧରେ ବାର୍ତ୍ତା ଦିଆଯାଉଛି। ଚଳିତ ବର୍ଷର ସଡ଼କ ସୁରକ୍ଷା ସପ୍ତାହର ବାର୍ତ୍ତା ରହିଛି 'ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ'। ଜିଲ୍ଲାସ୍ତରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ପୁଲିସର ମିଳିତ ସହଯୋଗରେ ବିଭିନ୍ନ ସଚେତନତା ମୂଳକ ସଡ଼କ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ।

***Baragada***

## ଧନୁଯାତ୍ରା

ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଆସନ୍ତା ୩ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଜୋରସୋର୍‌ରେ ଚାଲିଛି। ହାଟପଦାରେ ରାଜ ଦରବାର ନିର୍ମାଣ ଚାଲିଥିବା ବେଳେ ନିଶାମଣି ସ୍କୁଲ ପଡ଼ିଆରେ ଭବ୍ୟ ରଙ୍ଗମହଲ ନିର୍ମାଣ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି। ଧନୁଯାତ୍ରା ଅବସରରେ ଆଜି ବରଗଡ଼ ମହିଳା କଲେଜ ସାମ୍ନାରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆସନ୍ତା ଶୁକ୍ରବାର ପୂର୍ବାହ୍ନରେ ସାଂସ୍କୃତିକ ଶୋଭାଯାତ୍ରା ସହ ଧନୁଯାତ୍ରା ଆରମ୍ଭ ହେବ।

***HS***

## ସାଇବର ଠକେଇ

ଗତ ବର୍ଷରେ ରାଜଧାନୀ ଭୁବନେଶ୍ୱରରେ ସାଇବର ଅପରାଧ ବୃଦ୍ଧି ପାଇଥିବା ନେଇ ସୂଚନା ମିଳିଛି । ଗତ ବର୍ଷ ୮୨ କୋଟି ୫୩ ଲକ୍ଷ ୫୬ ହଜାର ଟଙ୍କାର ଠକେଇ ହୋଇଥିବା ବେଳେ ଭୁବନେଶ୍ୱର ସାଇବର ଥାନାରେ ୭ ହଜାର ୨୬୩ଟି ଅଭିଯୋଗ ପଞ୍ଜୀକୃତ ହୋଇଛି । ଏଥିସହିତ ୨୩ କୋଟି ୬୦ ଲକ୍ଷ ୧୪ ହଜାର ଟଙ୍କା ପୁଲିସ ଫ୍ରିଜ୍ କରିଥିବା ବେଳେ ସାଇବର ଠକଙ୍କଠାରୁ ୨ କୋଟି ୫୦ ଲକ୍ଷ ଟଙ୍କା ଫେରସ୍ତ କରାଯାଇପାରିଛି ।

***Sonepur***

## ରୌପ୍ୟ ଜୟନ୍ତୀ ଉତ୍ସବ

ସୁବର୍ଣ୍ଣପୁର ଭୀମଭୋଇ କଳାମଣ୍ଡଳ ପଡ଼ିଆରେ ପଇଁରିତିହାର'ର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ସାଂସ୍କୃତିକ ଅନୁଷ୍ଠାନ ପଇଁରି, କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ମିଳିତ ଅନୁକୂଲ୍ୟରେ ତିନି ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟ ଓ ଜାତୀୟସ୍ତରର ନୃତ୍ୟ ଗୀତ ପରିବେଶିତ ହେଉଛି ।

***BHK***

## ସଫେଇ କାର୍ଯ୍ୟ

ଭଦ୍ରକ ଜିଲ୍ଲା ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ନବବର୍ଷରେ ଚରମ୍ପା, ଡଗରସାହି,

ରେଳବାଇ ଟ୍ରାଫିକ ଛକ ଆଦି ପ୍ରମୁଖ ଅଞ୍ଚଳରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରୁ ସଂକୀର୍ତ୍ତନ ମଣ୍ଡଳୀ ଓ ଶ୍ରଦ୍ଧାଳୁ ପଦଯାତ୍ରାରେ ନଗର ପରିକ୍ରମା କରିଥିଲେ।

***Desk***

## ବିଶ୍ୱ ଜନସଂଖ୍ୟା

ଗତ ୨୦୨୪ ବର୍ଷରେ ବିଶ୍ୱ ଜନସଂଖ୍ୟା ୭୧ ନିୟୁତ ବୃଦ୍ଧି ପାଇବା ସହ ନୂଆବର୍ଷରେ ୮୦୯ କୋଟିରେ ପହଁଞ୍ଚିଛି। ୨୦୨୩ରେ ଜନସଂଖ୍ୟା ୭୫ ନିୟୁତ ବୃଦ୍ଧି ହୋଇଥିଲା। ୨୦୨୫ ଜାନୁଆରୀରେ ବିଶ୍ୱବ୍ୟାପୀ ପ୍ରତି ସେକେଣ୍ଡରେ ହାରାହାରି ୪ ଦଶମିକ ୨ ଜଣ ଜନ୍ମ ହୋଇଥିବା ବେଳେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଭାରତରେ ୧୪୧ କୋଟି ଲୋକ ବସବାସ କରୁଥିବା ବେଳେ ଚୀନ୍ ୧୪୦ କୋଟି ୮୦ ଲକ୍ଷ ଜନସଂଖ୍ୟା ସହ ଦ୍ୱିତୀୟ ସ୍ଥାନରେ ରହିଛି।

***Desk***

# ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଆଜି ବେଙ୍ଗଲ ଟାଇଗର୍ସ ଓ ଟିମ୍ ଗୋନାସିକା ମଧ୍ୟରେ ସନ୍ଧ୍ୟା ୮ଟା ୧୫ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ। ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲିର ପୁରୁଷ ବର୍ଗ ମ୍ୟାଚ୍‌ରେ ହାଇଦ୍ରାବାଦ ତୁଫାନ୍ସ ପେନାଲଟି

ସୁଟ୍‌ଆଉଟ୍‌ରେ ୫-୪ ଗୋଲ୍‌ରେ ଦିଲ୍ଲୀ ଏସ୍.ଜି. ପାଇପର୍ସଙ୍କୁ ହରାଇଛି । ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ମ୍ୟାଚ୍ ୨-୨ ଗୋଲ୍‌ରେ ଅମିମାଂସୀତ ରହିଥିଲା । ଆସନ୍ତା ୪ ତାରିଖରେ ହାଇଦ୍ରାବାଦ ତୁଫାନ୍ସ ଗୋନାସିକାଙ୍କୁ ଭେଟିବ ।

***Desk***

## ପାଣିପାଗ

ରାଜ୍ୟର ପାଗ ମୁଖ୍ୟତଃ ଶୁଖିଲା ରହିଥିବା ବେଳେ କିଛି ସ୍ଥାନରେ ସାମାନ୍ୟରୁ ମଧ୍ୟମ କୁହୁଡ଼ିର ସମ୍ଭାବନା ରହିଛି। କନ୍ଧମାଳ, ଅନୁଗୁଳ ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘନ କୁହୁଡ଼ିର ସମ୍ଭାବନା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।